# ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର

# ମାଧ୍ୟମିକ ଶିକ୍ଷା

# ୨୦୨୧-୨୨

ଜାତୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନ

# ଗଣିତ (୨୧୧)

**MATHEMATICS (211)**

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୧-୨୨)

**TUTOR MARKED ASSIGNMENT (TMA), 2021-22**

ସର୍ବାଧିକ ନମ୍ବର - ୨୦

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୨)

(କ) ଲେହ ଠାରେ ତାପମାତ୍ରା $0^0$ ଠାରୁ $9^0$C ତଳେ ଥିବାବେଳେ ଅମୃତସରର ତାପମାତ୍ରା $0^0$ ଠାରୁ $1^0$C ଉପରେ ଥିଲା । ସେହି ସମୟରେ ମାଉଣ୍ଟଆବୁର ତାପମାତ୍ରା $\sqrt{2}^0$C ଥିଲା । ଏହି ସ୍ଥାନ ମାନଙ୍କର ତାପମାତ୍ରାକୁ ସଂଖ୍ୟାରେଖାରେ ଦର୍ଶାଅ । (ପାଠ- ୧ ଦେଖ)

(ଖ) ୪୪ ସେ.ମି. x ୧୮ ସେ.ମି.ର ଏକ ଆୟତାକାର କାଗଜ ଖଣ୍ଡକୁ ଲମ୍ବାରେ ମୋଡି ଏକ ସିଲିଣ୍ଡର ପ୍ରସ୍ତୁତ କରାଗଲା । ସେହି ସିଲିଣ୍ଡରଟିର ଆୟତନ କେତେ ? (ପାଠ- ୨୧ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୨)

(କ) PQRS ଚତୁର୍ଭୁଜରେ କର୍ଣ୍ଣଦ୍ୱୟ ପରସ୍ପରକୁ ସମଦ୍ୱିଖଣ୍ଡ କରନ୍ତି । ଯଦି $\angle P = 40^\circ$ ହେଲେ <Q ର ପରିମାଣ ନିର୍ଣ୍ଣୟ କର ।

(ପାଠ- ୧୩ ଦେଖ)

(ଖ) $3x + y - 9 = 0$ ସରଳ ରେଖାଟି (୧,୩) ଓ (୨,୭) ବିନ୍ଦୁ ଦ୍ୱୟକୁ ଯୋଗ କରୁଥିବା ରେଖାଖଣ୍ଡକୁ ଯେଉଁ ଅନୁପାତରେ ବିଭାଜନ କରେ ତାହା ନିର୍ଣ୍ଣୟ କର ।

(ପାଠ-୧୯ ଦେଖ)


୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୨)

(କ) ଏକ ଆୟତ ଚିତ୍ରର ଦୈର୍ଘ୍ୟ ଏହାର ପ୍ରସ୍ଥର ୨ ଗୁଣରୁ ୧୨ ମି. ଅଧିକ । ଆୟତ ଚିତ୍ର କ୍ଷେତ୍ରଫଳ ୩୨୦ ବ. ମି. । ଦୈର୍ଘ୍ୟ, ପ୍ରସ୍ଥ ନିର୍ଣ୍ଣୟ କରିବା ପାଇଁ ବ୍ୟବହୃତ ହେଉଥିବା ସମୀକରଣଟି ଲେଖ ଏବଂ ଦୈର୍ଘ୍ୟ ଓ ପ୍ରସ୍ଥ ନିର୍ଣ୍ଣୟ କର ।

(ପାଠ- ୬ ଦେଖ)

(ଖ) ଦତ୍ତ ଚିତ୍ରରେ ୨ଟି ଆୟତାକାର ରାସ୍ତା ଏକ ପାର୍କ ମଧ୍ୟରେ ଦର୍ଶା ଯାଇଅଛି । ଦତ୍ତ ତଥ୍ୟକୁ ଆଧାର କରି ରାସ୍ତାର କ୍ଷେତ୍ରଫଳ ନିର୍ଣ୍ଣୟ କର । (ପାଠ-୨୦ ଦେଖ)

AB = CD = 100 m
AD = BC = 70 m
HE = SR = 5 m




୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୪)

(କ) କମଳା ଏକ ବ୍ୟବସାୟରେ ଟ. ୮୦୦୦ ନିବେଶ କଲା । ସେ ୫% ହାରରେ ବାର୍ଷିକ ଚକ୍ରବର୍ତ୍ତୀ ସୁଧ ପାଇଲେ ।

(i) ଦ୍ୱିତୀୟ ବର୍ଷ ଶେଷରେ ତା' ପାଖକୁ କେତେ ଟଙ୍କା ଆସିବ ?

(ii) ତୃତୀୟ ବର୍ଷ ପାଇଁ ସୁଧ କେତେ ହେବ ନିର୍ଣ୍ଣୟ କର ।

(ପାଠ- ୮ ଓ ୯ ଦେଖ)

(ଖ) ଏକ ତ୍ରିଭୁଜରେ ଏହାର ଏକ କୋଣ ସମଦ୍ୱିଖଣ୍ଡକ ଏହାର ବିପରୀତ ବାହୁକୁ ସମଦ୍ୱିଖଣ୍ଡ କରେ । ପ୍ରମାଣ କର ଯେ ତ୍ରିଭୁଜଟି ଏକ ସମଦ୍ୱିବାହୁ ତ୍ରିଭୁଜ । (ପାଠ-୧୪ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୪)

(କ) ଏକ ସମାନ୍ତର ଅନୁକ୍ରମରେ ଏହାର ଷଷ୍ଠ ପଦର ୬ ଗୁଣ ସହିତ ନବମ ପଦର ୯ ଗୁଣ ସମାନ ହେଲେ ୧୫ ତମ ପଦଟି O ହେବ ବୋଲି ଦର୍ଶାଅ ।

(ପାଠ- ୭ ଦେଖ)

(ଖ) ଏକ ସମତଳରେ ଅବସ୍ଥିତ ଅନ୍ୟ ଏକ ଦୁର୍ଗର ପାଦ ଦେଶରୁ ୩୦ ମିଟର ଉଚ୍ଚ ଏକ ଦୁର୍ଗର ଶୀର୍ଷର କୌଣିକ ଉନ୍ନତିର ପରିମାଣ ୬୦° ଓ ପ୍ରଥମ ଦୁର୍ଗର ପାଦଦେଶରୁ ଦ୍ୱିତୀୟ ଦୁର୍ଗର କୌଣିକ ଉନ୍ନତିର ପରିମାଣ ୩୦° ଅଟେ । ଦୁର୍ଗ ଦ୍ୱୟ ମଧ୍ୟରେ ଦୂରତା ଏବଂ ଦ୍ୱିତୀୟ ଦୁର୍ଗର ଉଚ୍ଚତା ନିର୍ଣ୍ଣୟ କର ?

(ପାଠ-୨୩ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ତୁମ ଅଂଚଳ କିମ୍ବା ଗ୍ରାମର ଅତିକମରେ ୫୦ଟି ପରିବାରକୁ ନେଇ ଜନସଂଖ୍ୟା ଓ ପାରିବାରିକ ଆୟ ସମ୍ବନ୍ଧରେ ଏକ ସର୍ବେକ୍ଷଣ କର ।

i. ବାରମ୍ବାରତା ବ୍ୟବହାର କରି ପରିବାର ସଦସ୍ୟଙ୍କ ତଥ୍ୟକୁ ଏକ ସାରଣୀ ମାଧ୍ୟମରେ ଉପସ୍ଥାପନ କର ।

ii. ପରିବାରର ହାରାହାରି ଆକାର ନିର୍ଣ୍ଣୟ କର । କେତେ ପରିବାର ଏହାଠାରୁ ଉର୍ଦ୍ଧ୍ୱରେ ନିର୍ଣ୍ଣୟ କର ।

iii. ସର୍ବାଧିକ ଆୟ କରୁଥିବା ୧୦ ଟି ପରିବାରର ବାର୍ ଗ୍ରାଫ୍ ପ୍ରସ୍ତୁତ କର ।

(ପାଠ- ୨୪ ଓ ୨୫ ଦେଖ)

(ଖ) ଚଳିତ ବର୍ଷରେ ହେବାକୁ ଥିବା ଏକ କ୍ରିକେଟ ମ୍ୟାଚ୍‌କୁ ଅନୁଧାନ କରି ନିମ୍ନଲିଖିତ ଦିଗ ସହିତ ତୁଳନା କରି ଓ ପ୍ରଦର୍ଶନକୁ ସୂଚିତ କରି ଏକ ପ୍ରକଳ୍ପର ବିବରଣୀ ପ୍ରଦାନ କର ।

i. ଖେଳାଳି ମାନଙ୍କର ବ୍ୟକ୍ତିଗତ ସ୍କୋର

ii. ଦଳଗତ ହାରାହାରି ସ୍କୋର ପ୍ରତି ଓଭର

iii. ବ୍ୟାଟିଙ୍ଗ୍ କରିଥିବା ବ୍ୟାଟ୍‌ସମ୍ୟାନ ମାନଙ୍କର ବ୍ୟକ୍ତିଗତ ରନ୍ ରେଟ୍ ।

iv. ବୋଲିଂ କରିଥିବା ବୋଲର୍ ମାନଙ୍କର ବ୍ୟକ୍ତିଗତ ରନ୍ ରେଟ୍ ।

v. ବିଜେତା ଦଳର ୫ ଜଣ ଭଲ ସ୍କୋର କରିଥିବା ବ୍ୟାଟ୍‌ସମ୍ୟାନ ମାନଙ୍କର ସ୍କୋରକୁ ଦର୍ଶାଇ ଏକ ବାର୍ ଗ୍ରାଫ୍ ଅଙ୍କନ କର ।

(ପାଠ- ୨୪ ଓ ୨୫ ଦେଖ)

# ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା (୨୧୨)

**SCIENCE & TECHNOLOGY (212)**

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୧-୨୨)

**TUTOR MARKED ASSIGNMENT (TMA), 2021-22**

**ସର୍ବାଧିକ ନମ୍ବର – ୨୦**

Max. Marks :20

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲ୍‌ମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ମୀରା ଦେଖି ପାରନ୍ତି ନାହିଁ । କୌଣସି ଅତିଥିଙ୍କ ସହିତ ତାଙ୍କ ମା' କଥାବାର୍ତ୍ତା ହେଲା ବେଳେ ସେ ଶୁଣେ । କେବଳ ଅତିଥିଙ୍କ ସ୍ୱର ଶୁଣି ସେ ଚିହ୍ନି ପାରିଛନ୍ତି ଯେ ସେହି ଅତିଥି ହେଉଛନ୍ତି ତାଙ୍କ ମାମୁଁ । ଏହି ଅଭିଲକ୍ଷଣର ନାମ ଲେଖ, ଯାହାକୁ ଆଧାର କରି ସେ ଜାଣିପାରନ୍ତି ଯେ ଅତିଥି ହେଉଛନ୍ତି ।

(i) ଜଣେ ପୁରୁଷ ଏବଂ (ii) ଏହି ପୁରୁଷ ହେଉଛନ୍ତି ତାଙ୍କ ମାମୁଁ

(ପାଠ- ୧୮ ଦେଖ)

(ଖ) ରାମ ଉଚ୍ଚ ଜ୍ୱରରେ ପୀଡିତ । ତାଙ୍କ ମା' ସେଲ୍‌ସିୟସ ଥର୍ମୋମିଟର ବ୍ୟବହାର କରି ରାମର ଶରୀରର ତାପମାତ୍ରା ୩୯° ମାପିଲେ । ଡାକ୍ତରଙ୍କ ଚିକିତ୍ସାଳୟକୁ ଯିବା ପୁର୍ବରୁ ଏହି ତାପମାତ୍ରା ଫାରେନ୍‌ହାଇଟ୍ ସ୍କେଲରେ କେତେ ତାଙ୍କ ମା' ଜାଣିବାକୁ ଚାହିଁଲେ । ଏହି ତାପମାତ୍ରାକୁ ଫାରେନ୍‌ହାଇଟ୍ ସ୍କେଲରେ ରୂପାନ୍ତର ପରିବର୍ତ୍ତନ କାରିବା ପାଇଁ ତାଙ୍କୁ ସାହାଯ୍ୟ କର । (ପାଠ- ୧୪ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) Xଏକ ମୌଳିକ ପଦାର୍ଥର ଯୋଜ୍ୟତା ୩+ । (ପାଠ- ୬ ଦେଖ)

. (i) ଏହାର ଫସ୍‌ଫାଇଡର ସୂତ୍ର ଲେଖ ।

(ii) ଏହାର କାର୍ବୋନେଟର ସୂତ୍ର ଲେଖ ।

(iii) ଏହାର ନାଇଟ୍ରେଟ୍‌ର ସୂତ୍ର ଲେଖ ।

(iv) ଏହାର ବୋରେଟର ସୂତ୍ର ଲେଖ ।

(ଖ) (i) ୦.୫ ମୋଲ୍ ଜଳରେ ଥିବା ଅଣୁସଂଖ୍ୟା ହିସାବ କର ।

(ii) $Na_2CO_3 - 10\ H_2O$ ର ସୂତ୍ର ଦ୍ରବ୍ୟମାନ (ଫର୍ମୁଲା ମାସ୍) କଳନା କର ।

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ମାନବ ଶରୀରରେ, ଶ୍ୱସନ ପାଇଁ ଫୁସ୍‌ଫୁସ୍ , କ୍ଷରଣ ପାଇଁ ଗ୍ରନ୍ଥି, ସଂଶ୍ଳେଷଣ ପାଇଁ ଯକୃତ ଏବଂ ସାମଗ୍ରୀ ବିତରଣ ପାଇଁ ରକ୍ତ ଅଛି । ଏହି ଚାରିକ୍ରିୟା ପାଇଁ କୋଷିକାର କେଉଁ କୋଷିକାଙ୍ଗକ ଗୁଡିକ କାର୍ଯ୍ୟ କରନ୍ତି / ଉତ୍ତରଦାୟୀ ଅଟନ୍ତି ? ।

(ପାଠ- ୨୧ ଦେଖ)

(ଖ) ଏକ ପରିସଂସ୍ଥାରେ ଶକ୍ତି ଓ ଖାଦ୍ୟତତ୍ତ୍ୱର ପ୍ରବାହକୁ ବୁଝାଉ ଥିବା ଏକ ଖାଦ୍ୟ ଶୃଙ୍ଖଳରଚନା କର ।

(ପାଠ-୨୯ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଏକ ବସ୍ତୁର ବସ୍ତୁତ୍ୱ ୨୫ କି.ଗ୍ରା. ପୃଥିବୀ ପୃଷ୍ଠରେ ଏହାର ଓଜନ କେତେ ନିଉଟନ୍ ? ବସ୍ତୁଟିକୁ, ପୃଥିବୀର ବସ୍ତୁତ୍ୱର ଦୁଇଗୁଣ ଏବଂ ପୃଥିବୀର ବ୍ୟାସାର୍ଦ୍ଧର ଅଧାଗୁଣ ବିଶିଷ୍ଟ ଏକ ଗ୍ରହକୁ ନିଆଗଲେ ବସ୍ତୁର ବସ୍ତୁତ୍ୱ ଏବଂ ଓଜନ ଉକ୍ତ ଗ୍ରହରେ କେତେ ହେବ ? (ପୃଥିବୀ ପୃଷ୍ଠରେ g ର ମାନ $10\ ms^{-2}$)

(ପାଠ- ୧୦ ଦେଖ)

(ଖ) ତୁମେ ଏକ ବିଦ୍ୟାଳୟର ପ୍ରୟୋଗଶାଳାକୁ ଯାଇଛ ଏବଂ ନିମ୍ନଲିଖିତ ପଦାର୍ଥ ଗୁଡିକ ସଂଗ୍ରହ କରିଛ ।

(ପାଠ- ୧୪ ଦେଖ)

(i) Nacl (ii) $CcL_4$ (iii) $I_2$ (iv) ନାପଥାଲିନ୍ (v) $Mgcl_2$

(vi) Hcl (vii) $C_2H_5OH$

ନିମ୍ନଲିଖିତ ପ୍ରଶ୍ନଗୁଡିକ ଉତ୍ତର ଦିଅ ।

(i) ଏକ ଆୟନିକ ବନ୍ଧ କିପରି ସୃଷ୍ଟି ହୁଏ ?

(ii) ଉପରଲିଖିତ / ଉପରୋକ୍ତ ରାସାୟନିକ ପଦାର୍ଥ ଗୁଡିକୁ ଆୟନିକ ଓ ସହ ସଂଯୋଜ୍ୟ ଯୌଗିକ ପଦାର୍ଥ ହିସାବରେ ଶ୍ରେଣୀ ବିଭାଗ କର ।

(iii) କେଉଁ ଯୌଗିକ ଗୁଡିକ ଜଳରେ ଦ୍ରବଣୀୟ ଚିହ୍ନଟ କାର ।

(iv) Nacl ଏବଂ ନାପଥାଲିନ୍ ମଧ୍ୟରୁ କାହାର ଗଳନାଙ୍କ ଅଧିକ ଅଟେ ?

(v) NaCl (କଠିନ) ବିଦ୍ୟୁତ୍ ସୁପରିବାହୀ ଅଟେ ନା ନାହିଁ ।

(vi) ଉପରଲିଖିତ ରାସାୟନିକ ପଦାର୍ଥ ଗୁଡିକ ତରଳ, ଶ୍ରେଣୀ ବିଭାଗ କର ।

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ପଶୁମାନଙ୍କର ତିନି ପ୍ରକାରର ପେଶୀୟ ତନ୍ତୁ ଅଛି, ରେଖିତ ବାହୁରେ ଦେଖାଯାଏ । ଆରେଖିତ ଉଦରର ଭିତ୍ତିରେ ଏବଂ ହୃଦୟ ପେଶୀ ଗୁଡିକ ହୃଦୟରେ ଥାଏ । ପ୍ରତ୍ୟେକ ପେଶୀୟ ତନ୍ତର ବିଶିଷ୍ଟତା ପ୍ରଦାନ କର ଯେଉଁ ଗୁଡିକ ଯଥା ସ୍ଥାନରେ ରହିଥିବାର ଯଥାର୍ଥତା ପ୍ରତିପାଦନ କରିବ । (ପାଠ- ୭ ଦେଖ)

(ଖ) ବିଶ୍ୱ ତାପନ ପାଇଁ ନିମ୍ନଲିଖିତ ଗୁଡିକର ଯୋଗଦାନ କ'ଣ ଅଟେ ?

(ପାଠ ଦେଖ)

i. ଚରୁଥିବା ଗୋମହିଷାଦି ।
ii. ଅଧିକ ଜନସଂଖ୍ୟା ବିଶିଷ୍ଟ ସହର
iii. କଳ କାରଖାନା ସମୂହ
iv. ଜଳୁଥିବା ବର୍ଜ୍ୟ ବସ୍ତୁ

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ଦିଅ ।

(i) କରୋନା ଭାଇରସ୍ କ'ଣ ?

(ii) କରୋନା  ଭାଇରସ୍‌ର ଲକ୍ଷଣ ଗୁଡିକ କ'ଣ ତାହାର ତାଲିକା ପ୍ରସ୍ତୁତ କର ।

(iii) ଯଦି ପରିବାରର କୌଣସି ସଦସ୍ୟ କୋଭିଡ୍-୧୯ ସଂକ୍ରମିତ ହୋଇ ବେମାରରେ ପଡନ୍ତି, ଆମେ କ'ଣ କରିବା ଉଚିତ୍ ହେବ  ?

(iv) ସଂଚରଣକୁ ବାଧାଦେବା ପାଇଁ ମାର୍ଗଦର୍ଶିକାକୁ ପାଳନ କରିବା କାହିଁକି ମହତ୍ୱପୂର୍ଣ୍ଣ ଅଟେ  ?

(v) ତୁମେ କିପରି ସଂକ୍ରମଣର ପ୍ରଭାବରୁ ନିଜକୁ ବଞ୍ଚାଇବ  ?

(ଖ) ବିଭିନ୍ନ ଆକୃତିର କିଛି ଚୁମ୍ବକ ନିଅ ଯଥା ଦଣ୍ଡ ଚୁମ୍ବକ, ଅଶ୍ୱ ଖୁରାକୃତି ଚୁମ୍ବକ ଓ ଥାଳିଆ (ଡିସ୍କ) ଚୁମ୍ବକ । ଦଣ୍ଡ ଚୁମ୍ବକକୁ ଏକ ପତଳା କାଚ ସିଟ୍ /ଚାଦର ତଳେ ରଖ । ଲଗାତାର କାଚ ସିଟକୁ ଠକ୍ ଠକ୍ କରୁଥିବା ସମୟରେ କିଛି ଲୁହାଖଣ୍ଡ କାଚ ସିଟ୍ ଉପରେ ସିଚନ କର । କେଉଁ ପ୍ରକାରରେ ଲୁହା ଗୁଣ୍ଡଗୁଡିକ ଆପେ ଆପେ ସଜାଇ ହୋଇ ରହୁଛନ୍ତି, ଲକ୍ଷ୍ୟ କର । ଲୁହା ଗୁଣ୍ଡଗୁଡିକ ସଜାଇ ହେବାର କିଛି ନିର୍ଦ୍ଦିଷ୍ଟ ଢାଞ୍ଚା ଦେଖୁଛ କି  ? ତୁମ ମୋବାଇଲ୍ ଫୋନ୍ ସାହାଯ୍ୟରେ ଏହାର ଏକ ଫଟୋଚିତ୍ର ନିଅ ଏବଂ ପାଖାପାଖି ୧୦-୧୨ ଟି ରେଖା ଅଙ୍କନ କରି ଏହି ଢାଞ୍ଚାକୁ ଏକ କାଗଜ ସିଟ୍‌ରେ ଦେଖାଅ । ଉକ୍ତ ପ୍ରୟୋଗକୁ ଅଶ୍ୱଖୁରାକୃତି ଚୁମ୍ବକ ଓ ଡିସ୍କ ଚୁମ୍ବକ ବ୍ୟବହାର କରି ପୁନରାବୃତ୍ତି କର  ।

ନିମ୍ନଲିଖିତ ପ୍ରଶ୍ନଗୁଡିକ ଉତ୍ତର ଦିଅ ।

i. କେଉଁ କ୍ଷେତ୍ରରେ ଚୁମ୍ବକୀୟ ରେଖା ଗୁଡିକ ପାଖାପାଖି ଅଛନ୍ତି  ?

ii. କୌଣସି ବିନ୍ଦୁରେ ଚୁମ୍ବକୀୟ ରେଖା ଗୁଡିକ ପରସ୍ପରକୁ  ଛେଦ କରୁଛନ୍ତି କି  ?

iii. ସବୁ ଆକୃତିର ଚୁମ୍ବକ  ପାଇଁ ଚୁମ୍ବକୀୟ ବଳରେଖା ଗୁଡିକ ସମାନ ନା ଭିନ୍ନ ଭିନ୍ନ  ?

iv. ଚୁମ୍ବକୀୟ ବଳରେଖା ଗୁଡିକର ପର୍ଯ୍ୟବେକ୍ଷଣ ବା ଅଙ୍କନ ପାଇଁ ଅନ୍ୟ ବିଧି ବା ପଦ୍ଧତିର ପ୍ରସ୍ତାବ ଦିଅ ।

# ସାମାଜିକ ବିଜ୍ଞାନ (୨୧୩)

# SOCIAL SCIENCE(213)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୧-୨୨)

### TUTOR MARKED ASSIGNMENT (TMA), 2021-22

**ସର୍ବାଧିକ ନମ୍ବର – ୨୦**

Max. Marks: 20

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ମହାବୀରଙ୍କ ଯେକୌଣସି ଦୁଇ ପ୍ରଧାନ ସିଦ୍ଧାନ୍ତର ବିଶ୍ଳେଷଣ କର । ଏହା ତୁମ ଦ୍ୱାରା କିପରି ଭାବେ ଦୈନନ୍ଦିନ ଜୀବନରେ ବ୍ୟବହାରରେ ଆସିପାରିବ ! (ପାଠ-୧ ଦେଖ)

(ଖ) ଭୂଗୋଳର ଭାବନା ଶକ୍ତି ବିନା ଇତିହାସ ଏବଂ ପତ୍ନତତ୍ତ୍ୱର ଅଧ୍ୟୟନ ଅଧୁରା ଅଟେ ।ଯଥାର୍ଥତା ପ୍ରତିପାଦନ କର ? (ପାଠ- ୦ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଭାରତ ଭୌତିକ ବିବିଧତାର ଦେଶ ଅଟେ । ଭାରତର ଉତ୍ତର କ୍ଷେତ୍ରରେ ଅବସ୍ଥିତ ଭୌତିକ ଲକ୍ଷଣ ସହ ଦକ୍ଷିଣ କ୍ଷେତ୍ର ସ୍ଥିତ ରାଜ୍ୟର ତୁଳନା କର । (ପାଠ-୯ ଦେଖ)

(ଖ) ରାଜସ୍ଥାନ ଅନ୍ୟ ରାଜ୍ୟ ତୁଳନାରେ କମ୍ ବର୍ଷା ପ୍ରାପ୍ତ ହୋଇଥାଏ । ଯଦି ରାଜସ୍ଥାନରେ ସର୍ବାଧିକ ବର୍ଷା ହୁଏ ତେବେ କେଉଁଭଳି ପରିସ୍ଥିତି ଉତ୍ପନ୍ନ ହୋଇପାରେ ? (ପାଠ-୧୦ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ। (୨)

(କ) "ଯେକୌଣସି ଦୁଇଟି ନିର୍ବାଚନ ସମ୍ବନ୍ଧିତ ପରିବର୍ତ୍ତନ ସମ୍ପର୍କରେ ବ୍ୟକ୍ତକର, ଯାହାକି ଭାରତରେ ସ୍ୱତନ୍ତ୍ରଏବଂ ସ୍ୱଚ୍ଛ ନିର୍ବାଚନ କରିବା ପାଇଁ ଆବଶ୍ୟକ ଅଟେ" । (ପାଠ-୨୨ ଦେଖ)

(ଖ) ସ୍ଥାନୀୟ ସରକାରରେ ମହିଳା ସଂରକ୍ଷଣର ପ୍ରଧାନ ପ୍ରଭାବର ତାଲିକା କର ।

(ପାଠ-୧୮ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଚୀନରେ ଚୀନ ବଂଶ ତଥା ହାନ୍ ବଂଶର ରାଜାଙ୍କଦ୍ୱାରା ଚୀନ୍ ସଭ୍ୟତାର ଉନ୍ନତି ମଧ୍ୟରୁ କୌଣସି ଦୁଇଟି ଯୋଗଦାନର ଚିହ୍ନିତ କର । (ପାଠ-୧ ଦେଖ)

(ଖ) ତୁମ ଅଞ୍ଚଳର ଜନସଂଖ୍ୟା ବଣ୍ଟନ ଓ ଘନତ୍ୱରେ ଭୌତିକ କାରକମାନ କିପରି ପ୍ରଭାବିତ କରୁଛନ୍ତି ?

(ପାଠ- ୧୪ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଜନମତ ପ୍ରସ୍ତୁତ କରୁଥିବା ପ୍ରମୁଖ ସଂସ୍ଥାମାନଙ୍କୁ ଚିହ୍ନିତ କର । (ପାଠ-୨୨ ଦେଖ)

(ଖ) ଭାରତର ଜାତୀୟ ଏକୀକରଣର ଉନ୍ନତି ପାଇଁ ବିଭିନ୍ନ କାରକ ସମ୍ପର୍କରେ ଉଲ୍ଲେଖ କର ।

(ପାଠ-୨୪ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର । (୬)

(କ) ନିମ୍ନ ତାଲିକା ଅନୁସାରେ ନିଜ ପରିବାର ସହ ନିକଟସ୍ଥ ପାଞ୍ଚଟି ପରିବାରର ତିନି ପୁରୁଷରେ ଶିକ୍ଷାର ସ୍ତର ତଥା ବ୍ୟବସାୟର ଖବର ଏକାଠି କର ।

| ପିଢି | | ଶିକ୍ଷାର ସ୍ତର | ବ୍ୟବସାୟ |
|---|---|---|---|
| ପ୍ରଥମ | ଜେଜେ ବାପା | | |
| | ଜେଜେ ମା | | |
| ଦ୍ୱିତୀୟ | ବାପା | | |
| | ମା | | |
| ତୃତୀୟ | ଶିଶୁ-୧ | | |
| | ଶିଶୁ-୨ | | |

ଏକାଠି କରାଯାଇଥିବା ଖବର ଆଧାରରେ ଶିକ୍ଷାର ସ୍ତର ତଥା ସେମାନଙ୍କର ବ୍ୟବସାୟ ଆଉ ଜୀବନ ସ୍ତରରେ ଆସିଥିବା ପରିବର୍ତ୍ତନର ଏକ ସଂକ୍ଷିପ୍ତ ବିବୃତି ପ୍ରସ୍ତୁତ କର ।

(ଖ) ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର, ଯେଉଁଥିରେ, ୭୩ତମ ସମ୍ବିଧାନ ସଂଶୋଧନ ଆଇନ୍ , ୧୯୯୨(ଯେଉଁମାନେ ଗାଁରେ ରହନ୍ତି)କିମ୍ବା ୭୪ ତମ ସମ୍ବିଧାନ ସଂଶୋଧନ ଆଇନ୍ ୧୯୯୨ (ଯେଉଁମାନେ ସହରରେ ରହନ୍ତି) ଦ୍ୱାରା ଅଣାଯାଇଥିବା ପରିବର୍ତ୍ତନ ସମ୍ପର୍କରେ ତାଲିକା କର । ଉକ୍ତ ତାଲିକା ଆଧାରରେ ନିମ୍ନଲିଖିତ ପ୍ରସଙ୍ଗଉପରେ ତୁମେ କେଉଁ ଉପସଂହାରରେ ଉପନିତ ।

(i) ମହିଳାଙ୍କ ପ୍ରତିନିଧିତ୍ୱ ଉପରେ ପ୍ରଭାବ ।

(ii) ଅନୁସୂଚିତ ଜାତି ଓ ଜନଜାତିଙ୍କ ପ୍ରତିନିଧିତ୍ୱ ଉପରେ ପ୍ରଭାବ ।

(ପାଠ-୧୮ ଦେଖ)

# ଅର୍ଥଶାସ୍ତ୍ର (୨୧୪)

**ECONOMICS(214)**

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୧-୨୨)

**TUTOR MARKED ASSIGNMENT (TMA), 2021-22**

**ସର୍ବାଧିକ ନମ୍ବର – ୨୦**

Max. Marks :20

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଅର୍ଥଶାସ୍ତ୍ର ଏକ ବ୍ୟାପକ ବିଷୟ ବସ୍ତୁ ଅଟେ ଏବଂ ଏହାର ସଠିକ୍ ସଂଜ୍ଞା ପ୍ରଦାନ ସହଜ ନୁହେଁ । ଅର୍ଥଶାସ୍ତ୍ରକୁ କଲ୍ୟାଣକାରୀ ବିଜ୍ଞାନ ଓ ସଂପଦ ବିଜ୍ଞାନ ଭାବେ ଆଲୋଚନା କର । (ପାଠ- ୧ ଦେଖ)

(ଖ) ପ୍ରତ୍ୟେକ ଉତ୍ପାଦକ ଅଧିକ ଲାଭ ଓ ସ୍ୱଳ୍ପ ଉତ୍ପାଦନ ବ୍ୟୟ କରିବାକୁ ଚାହୁଁଥାନ୍ତି । ଉତ୍ପାଦକଙ୍କ ପାଇଁ ପରିବ୍ୟୟ ଆଗମ ଏବଂ ଲାଭ ସମ୍ବନ୍ଧରେ ଆଲୋଚନା କର । (ପାଠ- ୮ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉ ର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ସ୍ୱଳ୍ପତା ଓ ନିର୍ବାଚନ ଏକତ୍ର ରହିଥାନ୍ତି । ବାସ୍ତବରେ ସମ୍ବଳର ସ୍ୱଳ୍ପତା ଯୋଗୁଁ ନିର୍ଣ୍ଣୟର ଆବଶ୍ୟକ ପଡିଥାଏ । ଏକ ଉଦାହରଣ ଦ୍ୱାରା ସ୍ୱଳ୍ପତା ଓ ନିର୍ଣ୍ଣୟ ସମସ୍ୟାକୁ ଆଲୋଚନା କର ।

(ପାଠ- ୫ ଦେଖ)

(ଖ) "ମାନବୀୟ ଆବଶ୍ୟକତାକୁ ପରିପୂର୍ଣ୍ଣ କରିବା ପାଇଁ ଉଭୟ ଦ୍ରବ୍ୟ ଓ ସେବା ଗୁରୁତ୍ୱପୂର୍ଣ୍ଣ ହୋଇଥାନ୍ତି ଏବଂ ଆମର ଆବଶ୍ୟକତାର ଭିନ୍ନତା ପରି ଏହି ଦୁଇ ଉପାଦାନ ମଧ୍ୟ ଭିନ୍ନ ଭିନ୍ନ ହୋଇଥାନ୍ତି" । ଏହି ଉକ୍ତିକୁ ଆଧାର କରି ଦ୍ରବ୍ୟ ଓ ସେବାର ବୈଶିଷ୍ଟ୍ୟଗୁଡିକୁ ଆଲୋଚନା କର ?

(ପାଠ- ୩ ଦେଖ)

୩.ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଆମ୍ଭେ ଜାଣିଛେ ଯେ, ଆମର ଆବଶ୍ୟକତା ଅସୀମ ଏବଂ ଏହି ଆବଶ୍ୟକତାଗୁଡିକୁ ପୂର୍ଣ୍ଣ କରିବା ପାଇଁ ଥିବା ସମ୍ବଳ ସଂପୂର୍ଣ୍ଣ ଭାବେ ସୀମିତ । ଏହି ଉକ୍ତି ଅନୁସରଣରେ ଆବଶ୍ୟକତାକୁ ସୀମିତ କରିବା ପାଇଁ ଭାରତୀୟ ଦର୍ଶନକୁ ଆଲୋଚନା କର ।

(ପାଠ- ୨ ଦେଖ)

(ଖ) ଯଦି ଉତ୍ପାଦନ କହିଲେ କଂଚାମାଲର ଉତ୍ପାଦରେ ପରିବର୍ତ୍ତନକୁ ବୁଝାଏ ତେବେ ଉତ୍ପାଦନ କାର୍ଯ୍ୟକାରିତା କହିଲେ କ'ଣ ବୁଝାଏ ? ଏହା ସହିତ ଉତ୍ପାଦନର ଦୁଇଟି ଜ୍ଞାନକୌଶଳର ନାମ ଲେଖ । (ପାଠ- ୭ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ମୋଟ ଉତ୍ପାଦନ, ହାରାହାରି ଉତ୍ପାଦନ ଏବଂ ସୀମାନ୍ତ ଉତ୍ପାଦନ ପରସ୍ପର ସହିତ ସଂପର୍କିତ ଏକ ଗାଣିତିକ ଉଦାହରଣ ଦ୍ୱାରା ଏହାର ଆଲୋଚନା କର ।

(ପାଠ- ୭ ଦେଖ)

(ଖ) ଅର୍ଥନୀତି ବିଭିନ୍ନ ଆଧାରରେ ଭିନ୍ନ ଭିନ୍ନ ଭାବେ ବିଭକ୍ତ ହୋଇଛି । ସେଥି ମଧ୍ୟରୁ ବିକାଶ ଗୋଟିଏ ଆଧାର । ଏହି ବିକାଶକୁ ଆଧାର କରି ଅର୍ଥନୀତିର ଗୋଟିଏ ଲେଖାଁଏ ଉଦାହରଣ ଦିଅ ।

(ପାଠ- ୪ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଅର୍ଥନୀତି ଏକ ମାନବକୃତ ପ୍ରତିଷ୍ଠାନ ଅଟେ ଯାହା ସମାଜର ଆବଶ୍ୟକତା ଅନୁଯାୟୀ ସୃଷ୍ଟି, ଧ୍ୱଂସ ଓ ପରିବର୍ତ୍ତନ ହୋଇଥାଏ । ଏହି ଉକ୍ତି ଆଧାରରେ ପୁଞ୍ଜିବାଦୀ, ସମାଜବାଦୀ ଓ ମିଶ୍ରିତ ଅର୍ଥନୀତିର ଆଲୋଚନା କର । ଭାରତୀୟ ଅର୍ଥନୀତି କେଉଁ ପ୍ରକାର ଅର୍ଥନୀତି ଅଟେ । (ପାଠ- ୪ ଦେଖ)

(ଖ) ସଂଯଚାଳିତ ନିଗମ ଓ ସରକାରୀ କମ୍ପାନୀ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

(ପାଠ- ୭ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର । (୬)

(କ) ଉତ୍ପାଦନରେ ମୋଟ ଉତ୍ପାଦ ପରିବ୍ୟୟ ଠାରୁ ମୋଟ ଆୟ ଅଧିକ ହେଲେ ତାହାକୁ ଲାଭ କୁହାଯାଏ ଏବଂ ଏହାର ଆକଳନ ନିମ୍ନ ନିର୍ଣ୍ଣୟ ଅନୁସାରେ ହୋଇଥାଏ ।

ଲାଭ = ମୋଟ ଆୟ – ମୋଟ ପରିବ୍ୟୟ । ଏକ ପ୍ରତିଷ୍ଠାନର ମାସିକ ଉତ୍ପାଦ ସଂଖ୍ୟା ସହ ଏହାର ମୋଟ ଆୟ ଏବଂ ହାରାହାରି ଆୟ ସଂଗ୍ରହ କର । ଏଠାରେ ହାରାହାରି ଆୟକୁ ଟ. ୨୫ ନିଆଯାଉ । ଏହାପରେ ଏହାର ମାସିକ ଲାଭକୁ ଆକଳନ କର ଏବଂ ଏହାକୁ ଏକ ସାରଣୀରେ ପ୍ରକାଶ କର । (ପାଠ- ୮ ଦେଖ)

(ଖ) ତୁମକୁ ଏକ ଉତ୍ପାଦକଙ୍କ ଦ୍ୱାରା ପ୍ରସ୍ତୁତ ସାରଣୀ ପ୍ରଦାନ କରାଯାଇଛି । (ପାଠ- ୭ ଦେଖ)

| ଶ୍ରମର ଏକକ | ମୋଟ ଉତ୍ପାଦ | ସୀମାନ୍ତ ଉତ୍ପାଦ | ହାରାହାରି ଉତ୍ପାଦ |
|---|---|---|---|
| ୦ | ୦ | | |
| ୧ | ୫ | | |
| ୨ | ୧୨ | | |
| ୩ | ୨୧ | | |
| ୪ | ୨୮ | | |
| ୫ | ୩୦ | | |
| ୬ | ୩୦ | | |
| ୭ | ୨୮ | | |

ଏହି ସାରଣୀକୁ ପୂର୍ଣ୍ଣ କରିବା ପାଇଁ ଉତ୍ପାଦକ ତୁମ ସହାୟତା ଚାହୁଁଛନ୍ତି ଏବଂ କେତେ ଶ୍ରମିକ ଏକକ ବ୍ୟବହାର କଲେ ଉତ୍ପାଦ ପରିମାଣ ସର୍ବାଧିକ ହୋଇପାରିବ ତାହା ନିର୍ଣ୍ଣୟ କର ।

# ବ୍ୟବସାୟ ଅଧ୍ୟୟନ (୨୧୫)

## BUSINESS STUDIES (215)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୧-୨୨)

### TUTOR MARKED ASSIGNMENT (TMA), 2021-22

**ସର୍ବାଧିକ ନମ୍ବର – ୨୦**

Max. Marks :20

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଦ୍ରବ୍ୟ ବିକ୍ରୟ କରିବାରେ ବିଜ୍ଞାପନ ଏକ ପ୍ରଭାବୀ ସହାୟକ ଅଟେ । କିପରି ? (ପାଠ- ୨ ଦେଖ)

(ଖ) ଆର୍ଥିକ କ୍ରିୟାକଳାପ କହିଲେ ତୁମେ କ'ଣ ବୁଝ ? ଆର୍ଥିକ କ୍ରିୟାକଳାପର ଦୁଇଟି ଉଦାହରଣ ଦିଅ । (ପାଠ- ୧ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଏକକ ମାଲିକାନାସ୍ୱତ୍ତ୍ୱ କିପରି ଭାବରେ ବ୍ୟବସାୟକୁ ଅଧିକତର ନିୟନ୍ତ୍ରଣ କରିବାରେ ସହାୟତା ପ୍ରଦାନ କରେ ବର୍ଣ୍ଣନା କର ? (ପାଠ- ୩ ଦେଖ)

(ଖ) ଏକ ଉଦାହରଣ ଜରିଆରେ ଉତ୍ପାଦକ ସମବାୟ ସମିତିର ଅବଧାରଣା ବ୍ୟାଖ୍ୟା କର । (ପାଠ- ୪ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ବ୍ୟବସାୟରେ ଆୟର ଆଶଙ୍କା ଓ ଅନିଶ୍ଚିତତା ରହିଛି-ବ୍ୟାଖ୍ୟା କର । (ପାଠ- ୧ ଦେଖ)

(ଖ) ପରିବହନ କିପରି କମ୍ ବ୍ୟୟରେ ବହୁଳ ମାତ୍ରାରେ ଉତ୍ପାଦନ କରିବାରେ ସହାୟକ ହୋଇଥାଏ ? (ପାଠ- ୫ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) 'ଏକ ସମବାୟ ସମିତି ଏକ ବିଶେଷ ଧରଣର ବ୍ୟବସାୟ ସଂଗଠନ; ଯାହା ଅନ୍ୟ ବ୍ୟବସାୟ ସଂଗଠନଠାରୁ ଭିନ୍ନ'- ଏହି ଉକ୍ତିକୁ ଧ୍ୟାନରେ ରଖି ସମବାୟ ସମିତିର ବିଶେଷତ୍ୱ ଗୁଡ଼ିକୁ ଆଲୋଚନା କର ।

(ପାଠ-୪ ଦେଖ)

(ଖ) ବନ୍ଧକ ପଣ୍ୟାଗାର ଓ ସମବାୟ ପଣ୍ୟାଗାର ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । (ପାଠ- ୬ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ବିଭିନ୍ନ ପ୍ରକାର ଇ-ବାଣିଜ୍ୟର ପ୍ରକାରଭେଦ ବ୍ୟାଖ୍ୟା କର । (ପାଠ- ୨ ଦେଖ)

(ଖ) 'ସମସ୍ତ ପ୍ରକାର ମାଲିକାନାସ୍ୱତ୍ୱ ବ୍ୟବସାୟରେ କିଛିନା କିଛି ସୀମିତତା ରହିଛି ଏବଂ ଏକକ ମାଲିକାନାସ୍ୱତ୍ୱ ଏଥିରୁ ବ୍ୟତିକ୍ରମ ନୁହେଁ'- ଏହାକୁ ଦୃଷ୍ଟିରେ ରଖି ଏକକ ମାଲିକାନାସ୍ୱତ୍ୱର ସୀମିତତାଗୁଡ଼ିକୁ ଆଲୋଚନା କର ।

(ପାଠ- ୩ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର । (୬)

(କ) ତୁମର ବନ୍ଧୁ ଅନ୍ୟ ଜଣେ ବନ୍ଧୁଙ୍କ ସହ ପ୍ରଭାବୀ ଯୋଗାଯୋଗ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତାଙ୍କୁ ପ୍ରଭାବୀ ଯୋଗାଯୋଗର ପ୍ରତିବନ୍ଧକଗୁଡ଼ିକ (ବାଧା) ବିଷୟରେ ବୁଝାଅ । ଏହା ସହିତ ସେହି ବାଧାଗୁଡ଼ିକର ସମାଧାନ କରିବାରେ ତାଙ୍କୁ ମାର୍ଗଦର୍ଶନ କରାଅ ।

(ପାଠ- ୭ ଦେଖ)

(ଖ) ଅଙ୍କିତ ହାଲୁକା ସାମଗ୍ରୀର ଏକ ବ୍ୟବସାୟ କରିବାକୁ ଆଗ୍ରହୀ । ସେ ଦେଶର ବିଭିନ୍ନ ସ୍ଥାନକୁ ସାମଗ୍ରୀ ଯୋଗାଣ କରିବାକୁ ଇଚ୍ଛୁକ । ଲାଭ ଓ ସୀମିତତା ଉଲ୍ଲେଖ ପୂର୍ବକ ସବୁଠାରୁ ଉପଯୋଗୀ ପରିବହନ ବ୍ୟବସ୍ଥା ସମ୍ପର୍କରେ ତାଙ୍କୁ ପରାମର୍ଶ ଦିଅ ।

(ପାଠ- ୬ ଦେଖ)

# ଗୃହ ବିଜ୍ଞାନ (୨୧୬)

## HOME SCIENCE(216)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୧-୨୨)

### TUTOR MARKED ASSIGNMENT (TMA), 2021-22

**ସର୍ବାଧିକ ନମ୍ବର - ୨୦**

Max. Marks :20

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଗୃହ ବିଜ୍ଞାନ ଉଭୟ କଳା ଓ ବିଜ୍ଞାନ । ଏହି ଶବ୍ଦକୁ ସ୍ପଷ୍ଟ କର ଏବଂ ଗୃହ ବିଜ୍ଞାନ ପଢିବାର ଦୁଇଟି ଭବିଷ୍ୟତ ସମ୍ପର୍କିତ ସୁବିଧା ସମ୍ପର୍କରେ ଲେଖ । (ପାଠ- ୧, ୧୨ ଦେଖ)

(ଖ) ଗୃହ ବିଜ୍ଞାନର ଜ୍ଞାନକୁ ଆମେ ମାନେ କିପରି ବ୍ୟବହାର କରି ଏକ ଛୋଟ ଘରକୁ ସଜାଡି ବଡ ପରି କରିପାରିବା ଚାରୋଟି ଉଦାହରଣ ସହ ବୁଝାଅ । (ପାଠ- ୧, ୧୨ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ସନ୍ତୁଳିତ ଖାଦ୍ୟର ଗୁରୁତ୍ୱ ବୁଝାଅ । (ପାଠ- ୩, ୫ ଦେଖ)

(ଖ) ଖାଦ୍ୟ ସ୍ୱାସ୍ଥ୍ୟ ରକ୍ଷା ନୀତିର ଚାରୋଟି ଉପାୟ ଲେଖ । (ପାଠ- ୩, ୫ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଉଭୟ ପ୍ରାକୃତିକ ତନ୍ତୁ ଏବଂ କୃତ୍ରିମ ତନ୍ତୁ ବିଷୟରେ ବର୍ଣ୍ଣନା କର ଏବଂ ଯେକୌଣସି ବସ୍ତ୍ରକୁ ଧୋଇବା ପୂର୍ବରୁ ବାଛିବାର ଆବଶ୍ୟକତା ଲେଖ । (ପାଠ- ୯, ୧୦ ଦେଖ)

(ଖ) ତନ୍ତୁ ଏବଂ ପରିସମାପ୍ତି ତନ୍ତୁ ମଧ୍ୟରେ ଦୁଇଟି ପାର୍ଥକ୍ୟ ଲେଖ ଏବଂ ମାର୍ବେଲିଙ୍ଗ୍ ପଦ୍ଧତି ଓ ବାନ୍ଧିବା ପଦ୍ଧତି ଦ୍ୱାରା ବାନ୍ଧନି ଓଢଣି କିପରି ରଙ୍ଗା ଯାଏ ଲେଖ ? (ପାଠ- ୯,୧୦, ୧୧ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଦୁଇ ସପ୍ତାହ ପାଇଁ ତୁମ ପରିବାରର ଛଅ ଜଣ ସଦସ୍ୟ ଛୁଟିରେ ଗୋଆ ଯିବାର ଯୋଜନା କରିଛ । ପରିବାରରେ ତୁମର ଜେଜେ ବାପା, ମା, ବାପା, ମା ଏବଂ ତୁମେ ଦୁଇ ଭାଇ ଭଉଣୀ ଅଛ । ଏହି ଯୋଜନାକୁ ସଫଳ କରିବା ପାଇଁ ନିମ୍ନ ଲିଖିତ ପଦ୍ଧତି ଉଲ୍ଲେଖ କର ।

i. ପରିଚାଳନା ପ୍ରକ୍ରିୟାର ସୋପାନ ଦର୍ଶାଅ ।

ii. ଭ୍ରମଣ ସମୟର ଗୋଟିଏ ଦିନର ସମୟ ତାଲିକା ପ୍ରସ୍ତୁତ କର ।

(ପାଠ- ୧୪, ୧୫ ଦେଖ)

(ଖ) ତୁମେ ନିଜ ପାଠପଢା ପାଇଁ ସହରକୁ ଯାଇଛ ଏବଂ ଗୋଟିଏ ଘର ଭଡା ନେଇ ଏକୁଟିଆ ରହୁଛ । ତୁମେ ତୁମ ସାଙ୍ଗମାନଙ୍କ ସହିତ ନିମ୍ନଲିଖିତ ବିଷୟରେ ଆଲୋଚନା କର ।

i. ତୁମ ସାଙ୍ଗଙ୍କୁ ଯୌଥ ପରିବାରର ଅନୁକୂଳତା / ଲାଭ ବିଷୟରେ ବୁଝାଅ ।

ii. ଗୋଟିଏ ସପ୍ତାହ ପାଇଁ ତୁମେ ତୁମର ଖାଦ୍ୟ ତାଲିକା ପ୍ରସ୍ତୁତ କର ।

(ପାଠ ୩, ୧୯ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ତୁମ ମାଆ ସେଲ୍ (ରିହାତି ବିକ୍ରି) ସମୟରେ ଗୋଟିଏ ନାମୀ କମ୍ପାନୀର ଲୁଗା ସଫା ମେସିନ୍ କିଣିଲେ, ଯାହା ଗୋଟିଏ ସପ୍ତାହରେ ଖରାପ ହୋଇଗଲା ।

- ତୁମେ ତୁମ ମାଆଙ୍କୁ ଉପରୋକ୍ତାଙ୍କର ଦୁଇଟି ଅଧିକାର ବିଷୟରେ ଅବଗତ କରାଅ ।
- ସେଲ୍ (ରିହାତି ବିକ୍ରି) ସମୟରେ ଜିନିଷ କିଣିଲେ କ'ଣ କ୍ଷତି ହୋଇଥାଏ ।

(ପାଠ- ୨୨ ଦେଖ)

(ଖ) ତୁମକୁ ଗ୍ରାମ ପଂଚାୟତରେ ସ୍ୱାସ୍ଥ୍ୟ ବିଷୟରେ କିଛି କହିବାକୁ ଦିଆଯାଇଛି । ତୁମେ ନିମ୍ନଲିଖିତ ବିଷୟରେ କୁହ ।

i. ସ୍ୱାସ୍ଥ୍ୟର ସଂଜ୍ଞା ଦିଅ ଏବଂ ଉଦାହରଣ ସହ ଶାରିରୀକ ସ୍ୱାସ୍ଥ୍ୟ ଏବଂ ମାନସିକ ସ୍ୱାସ୍ଥ୍ୟର ଲକ୍ଷଣ ବର୍ଣ୍ଣନା କର ।

ii. ସଂକ୍ରମଣକୁ ବନ୍ଦ କରିବାକୁ ତୁମ ଘରେ କେଉଁ ଚାରୋଟି ଉପାୟ ଅବଲମ୍ବନ କରିବ ?

(ପାଠ-୭, ୮ ଦେଖ)

୬. ନିମ୍ନରେ ଦିଆ ଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ନିଜ ପଡୋଶୀଙ୍କ ଘରକୁ ଯାଇ ସବିଶେଷ ତଥ୍ୟ ବିଷୟରେ ଜାଣ ।

i. କେତେ ଜଣ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି କରୋନା ଟୀକା ନେଇଛନ୍ତି ? ଏହି ସଂକ୍ରମଣରୁ ବଂଚିବା ପାଇଁ ଟୀକା କାହିଁକି ଆବଶ୍ୟକ ?

ii. କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ତୁମ ପରିବାରରେ କେଉଁ ଉପାୟ ଅବଲମ୍ବନ କରାଯାଇଛି ?

iii. ସଂକ୍ରମଣ ରୋଗକୁ ବନ୍ଦ କରିବା ପାଇଁ ଏକ କବିତା ବା ଗୀତ ଲେଖ ।

(ପାଠ- ୮ ଦେଖ)

(ଖ) ତୁମେ ତୁମର ଜେଜେ ବାପା, ମା' ଏବଂ ପଡୋଶୀ ବୃଦ୍ଧାମାନଙ୍କ ଠାରୁ ନିମ୍ନଲିଖିତ ବିଷୟ ଉପରେ ତଥ୍ୟ ଏକାଠି କର ।

i. ବିନା ରେଫ୍ରିଜିରେଟରରେ ସେମାନେ କିପରି ଋତୁକାଳୀନ ଖାଦ୍ୟ ସଂରକ୍ଷଣ କରୁଥିଲେ ।

ii. ସେମାନଙ୍କ ସମୟରେ ଧ୍ୱନି ପ୍ରଦୂଷଣ କାହିଁକି କମ୍ ଥିଲା । ଆମେ ଏବେ କ'ଣ ସେହି ଉପାୟ ଅବଲମ୍ବନ କରିପାରିବା ?

iii. କିଶୋରୀ ବାଳିକା ମାନେ ସେମାନଙ୍କ ସମୟରେ କେଉଁ ପ୍ରତିଯୋଗିତାର ସାମନା କରୁଥିଲେ ।

(ପାଠ - ୫, ୬, ୨୦ ଦେଖ)

# ମନୋବିଜ୍ଞାନ (୨୨୨)

## PSYCHOLOGY(222)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୧-୨୨)

### TUTOR MARKED ASSIGNMENT (TMA), 2021-22

**ସର୍ବାଧିକ ନମ୍ବର – ୨୦**

Max. Marks :20

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଦିଆଯାଇଥିବା ପରୀକ୍ଷଣରେ ''ବ୍ୟକ୍ତିର ଲିଖନରେ ବିଭିନ୍ନ ବ୍ରାଣ୍ଡର କଲମର ପ୍ରଭାବର ଅଧ୍ୟୟନରେ ସ୍ୱାଧୀନ ପରବର୍ତ୍ତୀ ଓ ନିର୍ଭରଶୀଳ ପରବର୍ତ୍ତୀକୁ ଚିହ୍ନଟ କର ।'' ସ୍ପଷ୍ଟୀକରଣର ଉତ୍ତରରେ ନିଜର ସପକ୍ଷର କାରଣ ଲେଖ ।

(ପାଠ- ୨ ଦେଖ)

(ଖ) ନିଜର କ୍ରମବର୍ଦ୍ଧିଷ୍ଣୁ ଆୟୁ/ବୟସର ଆଧାରରେ ସେହି ଅବସ୍ଥାକୁ ପର୍ଯ୍ୟବେକ୍ଷଣ କରି ବ୍ୟାଖ୍ୟା କର ।

(ପାଠ-୧୨ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ତୁମ ସାଙ୍ଗ ପରୀକ୍ଷାରେ ଭଲ ମାର୍କ ନଆସିବା କାରଣରୁ ମାନସିକ ଚାପରେ ଅଛି । ତୁମେ ଏହି ପରିସ୍ଥିତିରେ ତାକୁ ସମଯୋଜନ କରିବା ପାଇଁ କିପରି ସହାୟତା କରିବ ? (ପାଠ – ୧୮ ଦେଖ)

(ଖ) ନିଜର ପରିବେଶରେ ଯେକୌଣସି ବ୍ୟକ୍ତିର ବ୍ୟବହାରକୁ ବୁଝିବା ପାଇଁ ପର୍ଯ୍ୟବେକ୍ଷଣ କର । ତାଙ୍କର ଭାବ ବିନିମୟର ୪ଟି ସୂଚକ ଆଧାରରେ ଏକ ପର୍ଯ୍ୟବେକ୍ଷଣ ରିପୋର୍ଟ ଲେଖ । (ପାଠ – ୨ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ପରିବେଶଗତ ଚାପକୁ କମ୍ କରିବା ପାଇଁ ତୁମର କି ଯୋଗଦାନ ରହିବ ? ଯେକୌଣସି ୪ଟି ଉପାୟ ବର୍ଣ୍ଣନା କର ।

(ପାଠ- ୨୩ ଦେଖ)

(ଖ) ମନେକର ତୁମେ ତୁମର ମାନସିକ ବୟସ ଜାଣିବା ପାଇଁ ନିଜର ପ୍ରକୃତ ବୟସରେ ± ୩ ଯୋଗ କରୁଛ । ଏହି ସଂଖ୍ୟାକୁ ଆଧାର କରି ତୁମେ ତୁମର ବୁଦ୍ଧ୍ୟାଙ୍କ ୨ଟି କ୍ଷେତ୍ରରେ ନିର୍ଣ୍ଣୟ କର ।

(ପାଠ- ୨୦ ଦେଖ)

୪.ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ତୁମେ ଘରୋଇ ଜିନିଷର ତାଲିକାକୁ ଦୋକାନରେ ପହଞ୍ଚିବା ପର୍ଯ୍ୟନ୍ତ ମନେ ରଖିବାକୁ ଇଚ୍ଛା କର । ଅତି କମ୍‌ରେ ୪ଟି ଉପାୟ ଲେଖ ଯାହା ତାଲିକାକୁ ମନେରଖିବାରେ ସାହାଯ୍ୟ କରିପାରିବ । ଭୁଲିବାର କାରଣ ଗୁଡିକ ମଧ୍ୟ ବ୍ୟାଖ୍ୟା କର । (ପାଠ- ୬ ଦେଖ)

(ଖ) ମାସଲୋଙ୍କ ଦ୍ୱାରା ପ୍ରତିପାଦିତ ଆବଶ୍ୟକତାର ଅଧିକ୍ରମ ନିୟମକୁ ଧ୍ୟାନରେ ରଖି ତୁମେ ତୁମର ଅନୁକରଣୀୟ ବ୍ୟକ୍ତିର ଆବଶ୍ୟକତା କିମ୍ବା ତୁମ ଅଞ୍ଚଳର ଯେକୌଣସି ପ୍ରସିଦ୍ଧ ବ୍ୟକ୍ତିଙ୍କ ଆବଶ୍ୟକତାକୁ ବିଶ୍ଳେଷଣ କର ।

(ପାଠ- ୮ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଜଣେ ସୁଖୀ ବ୍ୟକ୍ତିର ଆପାତତଃ ୬ଟି ଲକ୍ଷଣ ବା ବୈଶିଷ୍ଟ୍ୟ ବୁଝାଅ ?

(ପାଠ- ୧୭ ଦେଖ)

(ଖ) ନିଜସ୍ୱ କ୍ଷେତ୍ରରେ ଶିକ୍ଷାପ୍ରାପ୍ତ କରୁଥିବା ବିଦ୍ୟାର୍ଥୀମାନଙ୍କର ଯେକୌଣସି ୪ଟି ସମସ୍ୟାକୁ ଚିହ୍ନଟ କର ଏବଂ ବ୍ୟାଖ୍ୟା କର । ସମସ୍ୟା ସମାଧାନର କିଛି ଉପାୟ ମଧ୍ୟ ଲେଖ । (ପାଠ- ୧୬ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ନିଜସ୍ୱ କ୍ଷେତ୍ରରେ ଯେକୌଣସି ୩ ପ୍ରକାରର ପ୍ରଦୂଷଣକୁ ଚିହ୍ନଟ କର ଏବଂ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ସରକାର, ରେସିଡେଣ୍ଟ ୱେଲ୍‌ଫେୟାର ଆସୋସିଏସନ୍ ଏବଂ ତୁମ ଦ୍ୱାରା କରାଯାଇଥିବା ୩ଟି ଉପାୟ ବର୍ଣ୍ଣନା କର ।

(ପାଠ- ୨୩ ଦେଖ)

(ଖ) 'ଆଧୁନିକ ଶିକ୍ଷା' ଏବଂ 'ଜୀବନ ବିଜ୍ଞାନ' ମଧ୍ୟରେ କି ପାର୍ଥକ୍ୟ ଅଛି ? 'ପ୍ରେକ୍ଷାଧ୍ୟାନ' ପ୍ରଥମେ ୧୫ ଦିନ ଏବଂ 'ବିପାଶନା' ପରବର୍ତ୍ତୀ ୧୫ ଦିନ ଅଭ୍ୟାସ କରି ଏହି ଦୁଇଟି କିପରି ମନକୁ ନିୟନ୍ତ୍ରଣ ଏବଂ ଶୃଙ୍ଖଳିକରଣ କରିବାରେ ସହାୟକ ହେବ ଉଲ୍ଲେଖ କର ।

(ପାଠ- ୨୭ ଦେଖ)

# ଭାରତୀୟ ସଂସ୍କୃତି ଓ ଐତିହ୍ୟ (୨୨୩)

**INDIAN CULTURE & HERITAGE (୨୨୩)**

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୧-୨୨)

**TUTOR MARKED ASSIGNMENT (TMA), 2021-22**

**ସର୍ବାଧିକ ନମ୍ବର – ୨୦**

Max. Marks :**20**

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ସଂସ୍କୃତି ଆଉ ସଭ୍ୟତାର ଯେକୌଣସି ଦୁଇଟି ସମାନତାର ପରୀକ୍ଷା କର ।

(ପାଠ- ୧ ଦେଖ)

(ଖ) ଭାରତୀୟ ସଂସ୍କୃତିର ଯେକୌଣସି ଦୁଇଟି ବିଶେଷତ୍ୱ ଉଲ୍ଲେଖ କର, ଯାହା ଭାରତୀୟ ସଂସ୍କୃତିରେ ଆଧ୍ୟାତ୍ମବାଦର ମହତ୍ତ୍ୱ ଦର୍ଶାଉ ଥିବ । (ପାଠ- ୨ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ମନ୍ଦିର ବାସ୍ତୁକଳାରେ ନଗର ଓ ଦ୍ରାବିଡ ଶୈଳୀ ମଧ୍ୟରେ ଥିବା ଅନ୍ତର ଲେଖ । (ପାଠ-୩ ଦେଖ)

(ଖ) ଇସଲାମ୍ ଧର୍ମର ଚାରି ମୂଳ ସିଦ୍ଧାନ୍ତର ତାଲିକା ପ୍ରସ୍ତୁତ କର । (ପାଠ- ୪ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ସଂସ୍କୃତିରେ ଅଣ-ଭୌତିକ ପକ୍ଷର ବିଶ୍ଳେଷଣ କର । (ପାଠ- ୨ ଦେଖ)

(ଖ) ସଂସ୍କୃତି ପରିବର୍ତ୍ତନଶୀଳ ଅଟେ କିନ୍ତୁ ପରମ୍ପରା ନୁହେଁ । ଏହି ଉକ୍ତିକୁ ସ୍ପଷ୍ଟ କର । (ପାଠ- ୨ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ସୁଫି ଆଉ ଭକ୍ତି ଆନ୍ଦୋଳନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଉକ୍ତିର ସତ୍ୟତା ପ୍ରତିପାଦନ କର ।

(ପାଠ-୪ ଦେଖ)

(ଖ) ତୁମର ଜେଜେବାପା ଓ ଜେଜେମାଙ୍କ ଦ୍ୱାରା ପାଳନ କରାଯାଉଥିବା ଯେକୌଣସି ଦୁଇଟି ସାଂସ୍କୃତିକ ଜୀବନ ଶୈଳୀର ଉଲ୍ଲେଖ କର, ଯାହାକି ତୁମେ ମଧ୍ୟ ତା'ଙ୍କ ପରି ପାଳନ କରୁଛ ।

(ପାଠ-୧ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଆର୍ଯ୍ୟମାନଙ୍କ ଭୌତିକ ଜୀବନରେ ଲୁହାର ବ୍ୟବହାର ହିଁ ବ୍ୟାପକ ପରିବର୍ତ୍ତନ ଆଣି ଥିଲା, ବିଶ୍ଳେଷଣ କର ।
(ପାଠ- ୩ ଦେଖ)

(ଖ) ପ୍ରାଚୀନ ଭାରତରେ ଦୁଇ ମହତ୍ୱପୂର୍ଣ୍ଣ ଧର୍ମ ଜୈନ ଓ ବୌଦ୍ଧ ଧର୍ମର ଉଦୟ ହୋଇଥିଲା ଯାହାକି ଭାରତୀୟ ସଂସ୍କୃତି ଓ ଜୀବନ ଉପରେ ସ୍ଥାୟୀ ଛାପ ଛାଡିଯାଇଥିଲା । ବିଶ୍ଳେଷଣ କର । (ପାଠ- ୩ ଦେଖ)

୬. ନିମ୍ନରେ ଦିଆ ଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ୧୮୧୩ ମସିହା ଯାଏଁ ଭାରତ, ଇଂରେଜ ସାମଗ୍ରୀର ବହୁତ ବଡ ଉପଭୋକ୍ତା ରହିବା ସହ ବହୁ ପରିମାଣର କଂଚାମାଲ ରପ୍ତାନିକରୁଥିଲା । ଏହି ଆଧାରରେ ନିମ୍ନୋକ୍ତ ପ୍ରଶ୍ନର ଉତ୍ତର ଦିଅ ।

i. ଭାରତର ଉତ୍କୃଷ୍ଟ ହସ୍ତଶିଳ୍ପ ବାଣିଜ୍ୟର ଅବସ୍ଥା କ'ଣ ହେଲା ?

ii. ଭାରତୀୟ ବାଣିଜ୍ୟର କିପରି ଭାବେ ଅନ୍ତ ଘଟିଲା ?

iii. ପରିବହନ ତଥା ଯୋଗାଯୋଗର ଭୂମିକାର ବାସ୍ତବିକ ରୂପ ଚିହ୍ନଟ କର । (ପାଠ- ୪ ଦେଖ)

(ଖ) ଉନବିଂଶ ଶତାବ୍ଦୀର ଶେଷ ଆଡକୁ ଭାରତରେ ଛାପାଖାନା ଜନତାଙ୍କ ବିଚାରକୁ ସୁଗଠିତ, ପ୍ରଚାରିତ, ପ୍ରସାରିତ, ପ୍ରଭାବୀ ଏବଂ ପ୍ରଖର କରିବା ପାଇଁ ଏକ ସଶକ୍ତ ମାଧ୍ୟମ ହୋଇସାରିଥିଲା । (ପାଠ- ୪ ଦେଖ)

i. ଇଂରେଜ ବିରୋଧୀ ଭାବନାର ପ୍ରସାରରେ ସମ୍ବାଦପତ୍ରର ଭୂମିକା ଚିହ୍ନଟ କର ।

ii. ସମ୍ବାଦପତ୍ର ଗୁଡିକ କିପରିଭାବେ ଅଖିଳ-ଭାରତୀୟ ଚେତନାର ବୃଦ୍ଧି କଲେ ?

iii. ଏହି ସମୟରେ ଇଂରାଜୀ, ମରାଠୀ, ତାମିଲ, ଉର୍ଦ୍ଦୁ ଭାଷାରେ ପ୍ରକାଶିତ ଗୋଟିଏ ଗୋଟିଏ ସମ୍ବାଦପତ୍ରର ନାମ ଲେଖ ।

# ହିସାବରକ୍ଷଣ ଶାସ୍ତ୍ର(୨୨୪)

## ACCOUNTANCY (224)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୧-୨୨)

**TUTOR MARKED ASSIGNMENT (TMA), 2021-22**

**ସର୍ବାଧିକ ନମ୍ବର – ୨୦**

Max. Marks :20

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ହିସାବରକ୍ଷଣ ସୂଚନା ସମ୍ଭାବ୍ୟ ନିବେଶକ ଓ ଗ୍ରାହକଙ୍କ ପାଇଁ ବିଶେଷ ଉପଯୋଗୀ । କିପରି ?

(ପାଠ-୧ ଦେଖ)

(ଖ) ବାହ୍ୟ ଦେୟତା କହିଲେ ତୁମେ କ'ଣ ବୁଝ ? ବାହ୍ୟ ଦେୟତାର ଦୁଇଟି ଉଦାହରଣ ଦିଅ ?

(ପାଠ- ୩ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଉଦାହରଣ ସହ ଦ୍ୱୈତ ଅବଧାରଣା ବୁଝାଅ । (ପାଠ-୨ ଦେଖ)

(ଖ) ବିତ୍ତୀୟ ହିସାବରକ୍ଷଣ ଅଣ-ଆର୍ଥିକ ସୂଚନାଗୁଡ଼ିକୁ ଅଣଦେଖା କରେ-ବ୍ୟାଖ୍ୟା କର ।

(ପାଠ- ୧ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ସ୍ପର୍ଶଯୋଗ୍ୟ ଓ ସ୍ପର୍ଶହୀନ ପରିସମ୍ପତ୍ତି ବାବଦରେ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

(ପାଠ- ୩ ଦେଖ)

(ଖ) ନିମ୍ନଲିଖିତ ଗୁଡ଼ିକର ହିସାବରକ୍ଷଣ ସମୀକରଣ ଲେଖ:

(i) ପୁଞ୍ଜି (ii) ପରିସମ୍ପତ୍ତି (ପାଠ- ୪ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ତୁମ ବନ୍ଧୁ ଏକ ଜାବେଦା (ଜର୍ଣ୍ଣାଲ୍) ପ୍ରସ୍ତୁତ କରିବାକୁ ଚାହିଁଲେ । ଜଣେ ଉତ୍ତମ ବନ୍ଧୁ ଭାବରେ ତାଙ୍କୁ ଜାବେଦାକରଣର ପ୍ରକ୍ରିୟା ବୁଝାଅ ।

(ପାଠ- ୬ ଦେଖ)

(ଖ) ରକ୍ଷଣଶୀଳତା ଅବଧାରଣାର ଅର୍ଥ ଓ ମହତ୍ତ୍ୱ ବ୍ୟାଖ୍ୟା କର ।

(ପାଠ- ୨ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ନିମ୍ନଲିଖିତ ତଥ୍ୟ ଆଧାରରେ ହିସାବରକ୍ଷଣ ସମୀକରଣ ପ୍ରସ୍ତୁତ କର:

(i) ଅଙ୍କିତ୍ ନଗଦ ୧,୮୦,୦୦୦ ଟଙ୍କାରେ ଏକ ବ୍ୟବସାୟ ଆରମ୍ଭ କଲେ ।

(ii) ସେ ନଗଦ ୨୦,୦୦୦ ଟଙ୍କାରେ ଆସବାବପତ୍ର କ୍ରୟ କଲେ ।

(iii) ସେ ୨୫,୦୦୦ ଟଙ୍କାର ମାଲ୍ ଉଧାରରେ କିଣିଲେ ।

(iv) ସେ ୧୮,୦୦୦ ଟଙ୍କା ମୂଲ୍ୟର ମାଲ୍‌କୁ ନଗଦ ୪୦,୦୦୦ ଟଙ୍କାରେ ବିକ୍ରୟ କଲେ ।

(ପାଠ- ୪ ଦେଖ)

(ଖ) ବିଭିନ୍ନ ପ୍ରକାର ହିସାବର ପାରମ୍ପରିକ ବର୍ଗୀକରଣ ବର୍ଣ୍ଣନା କର । (ପାଠ- ୫ ଦେଖ)

୬. ନିମ୍ନରେ ଦିଆ ଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ନିମ୍ନଲିଖିତ ନେଣଦେଣ ଆଧାରିତ ମୂଳ ଚିଠାରୁ ମେସର୍ସ ଜି.କେ. କମ୍ପ୍ୟୁଟର୍ସ, ସାଉଥ୍ ଏକ୍ସ, ନୂଆଦିଲ୍ଲୀଙ୍କ ଦାତା ଚିଠା ପ୍ରସ୍ତୁତ କର:

୨୦୨୦ ଅପ୍ରେଲ ୪: ନଗଦ ପେନ୍‌ଡ୍ରାଇଭ୍ ବିକ୍ରି, କ୍ୟାସ୍ ମେମୋ ନମ୍ବର ୧୦- ୫୫,୦୦୦ ଟଙ୍କା

ଅପ୍ରେଲ ୧୫: ନଗଦ ପୁରୁଣା କମ୍ପ୍ୟୁଟର ମନିଟର୍ ବିକ୍ରି, କ୍ୟାସ୍ ମେମୋ ନମ୍ବର ୩୯- ୧୯,୦୦୦ ଟଙ୍କା

ଅପ୍ରେଲ ୩୦: କାର୍ଯ୍ୟାଳୟ ବ୍ୟବହାର ପାଇଁ ବ୍ୟାଙ୍କ୍‌ରୁ ନଗଦ ଉଠାଣ, ଚେକ୍ ନମ୍ବର ୫୦୦୦୪୧୬- ୧୫,୦୦୦ ଟଙ୍କା ।

(ପାଠ- ୫ ଦେଖ)

(ଖ) ନିକଟରେ ଥିବା ଯେକୌଣସି ଏକ ଦୋକାନକୁ ଯାଅ ଏବଂ ସେଠାରେ ଦଶଟି ବ୍ୟାବସାୟିକ ନେଣଦେଣକୁ ଲକ୍ଷ୍ୟ କରି ଜାବେଦା (ଜର୍ଣ୍ଣାଲ୍) ଆକାରରେ ଏକ ପୃଷ୍ଠାରେ ଅଭିଲିଖନ କର ।

(ପାଠ- ୬ ଦେଖ)

# ଚିତ୍ରକଳା(୨୨୫)

## PAINTING (225)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୧-୨୨)

**TUTOR MARKED ASSIGNMENT (TMA), 2021-22**

**ସର୍ବାଧିକ ନମ୍ବର – ୨୦**

Max. Marks :20

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଅମ୍ରିତା ଶେରଗିଲ୍‌ଙ୍କର ପ୍ରସିଦ୍ଧ ଚିତ୍ରକଳା ବ୍ରହ୍ମଚାରିଜକୁ ଅଧ୍ୟୟନ କର । ଅମ୍ରିତା ଶେରଗିଲଙ୍କର ଚିତ୍ରରେ ବସିଥିବା ଚାରି ଜଣଙ୍କ ଆକୃତି ଏବଂ ରଙ୍ଗ ସଂଯୋଜନା ବିଷୟରେ ଉଲ୍ଲେଖ କର । (ପାଠ-୮ ଦେଖ)

(ଖ) କଳାକାର ଅଗସ୍ତେଙ୍କର ଏକ କଳାକୃତି ବିଷୟରେ ଲେଖ । ସେ ଏହା ମାଧ୍ୟମରେ କଣ ସଂଦେଶ ଦେବାକୁ ଚାହଁୁଛନ୍ତି ?

(ପାଠ-୬ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଅଜନ୍ତା ଚିତ୍ରକଳାରେ କୃଷ୍ଣକାୟ ରାଜକୁମାରୀକୁ ଯତ୍ନର ସହିତ ଅନୁଧ୍ୟାନ କର । ଏବେ ତୁମର ପ୍ରାୟୋଗିକ ମାର୍ଗଦର୍ଶିକା ପୁସ୍ତକ ନିଅ । ସେଥିରେ ବହୁତ ଗୁଡ଼ିଏ ମନୁଷ୍ୟର ମୁଖ ଚିତ୍ର ପୃଷ୍ଠା ୩୩ ରେ ଅଛି । କୃଷ୍ଣକାୟ ରାଜକୁମାରୀଙ୍କ ମୁଖମଣ୍ଡଳ ସହିତ ଏଥିରେ ଥିବା ମୁଖ ଚିତ୍ରର ବିଶେଷତ୍ୱକୁ ମେଳାଅ ।

(ପାଠ-୧ ଦେଖ)

(ଖ) ଡେଗା ଙ୍କ ଚିତ୍ରକଳାର ଚାରୋଟି ପ୍ରମୁଖ ବିଶେଷତ୍ୱ ଲେଖ । (ପାଠ-୬ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) କୋଲମ ଚିତ୍ରକଳାରେ କେଉଁସବୁ ନକ୍ସା ବ୍ୟବହାର କରାଯାଏ ? କୋଲମ ଚିତ୍ରକଳାର ପଦ୍ଧତି ବିଷୟରେ ବର୍ଣ୍ଣନା କର ।
(ପାଠ-୪ ଦେଖ)

(ଖ) ରେମ୍ବ୍ରାଙ୍କର ପ୍ରସିଦ୍ଧ ଚିତ୍ରକଳା 'ରାତ୍ର ଜଗୁଆଳ' ରୂପକୁ ଅନୁଧ୍ୟାନ କର ଏବଂ ଏଥିରେ ବସିଥିବା ଆକୃତିର ଶରୀର ରଚନାକୁ ଅଙ୍କନ କର । ଏହି କଳାକୃତିକୁ ପ୍ରଂଶସା କରି କିଛି ପଂକ୍ତି ଲେଖ ।
(ପାଠ-୫ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଭିତିଚିତ୍ର କ'ଣ ଅଟେ ? ହିନ୍ଦୀ ଭବନର କାନ୍ଥରେ ହୋଇଥିବା ଫ୍ରେସ୍କୋ ବ୍ୟୁନ ଭିତି ଚିତ୍ର ପଦ୍ଧତି ବିଷୟରେ ବର୍ଣ୍ଣନା କର ।
(ପାଠ-୯ ଦେଖ)

(ଖ) କଳାକାର ମୋନେ ତାଙ୍କର ଚିତ୍ରକଳା 'ଜଳ କଇଁ ' ରେ କାହା ଉପରେ ପ୍ରାଧାନ୍ୟ ଦେଉଥିଲେ ? ଏ ସଂପର୍କରେ ଅତିକମରେ ୫ ରୁ ୬ ବାକ୍ୟ ଲେଖ ।
(ପାଠ-୬ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଓଡ଼ିଶାର ପୂର୍ବ ଉପକୂଳ ପୁରୀରେ ଥିବା ଗଙ୍ଗ ରାଜବଂଶ ରାଜା ନରସିଁହଦେବ ପ୍ରଥମଙ୍କ ଦ୍ୱାରା ନିର୍ମିତ ଏକ କଳାକୃତି ବିଷୟରେ ଲେଖ ଏବଂ ଏହା ଉପରେ ଏକ ପ୍ରଂଶସନୀୟ ଟିପ୍ପଣୀ ଲେଖ ।
(ପାଠ-୨ ଦେଖ)

(ଖ) ଚାରି ଜଣ ପ୍ରମୁଖ ଭାରତୀୟ କଳା ଏବଂ କଳା କ୍ଷେତ୍ରରେ ସେମାନଙ୍କର ଅବଦାନ ବିଷୟରେ ଉଲ୍ଲେଖ କର ।
(ପାଠ-୯ ଦେଖ)

୬. ନିମ୍ନରେ ଦିଆ ଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ଗୋଟିଏ ବର୍ଗାକାର ବାକ୍ସ , ଗୋଲାକାର ପେଣ୍ଡୁ ଏବଂ ଏକ ନଳୀ ଆକୃତି ପାଖାପାଖି ସମାନ ସାଇଜ୍ ର ସଂଗ୍ରହ କରା । ଏହି ସବୁ ଆକୃତି ଗୁଡ଼ିକୁ ଅନୁଧ୍ୟାନ କରି ଅଲଗା ଅଲଗା କାଗଜରେ ପେନସିଲ୍ ସାହାଯ୍ୟରେ ଅଙ୍କନ କାର । ଏବେ ଏହି ଜ୍ୟାମିତିକ ଆକୃତି ଗୁଡ଼ିକୁ ଗୋଟିଏ ଏ୪ ସାଇଜ୍ କାଗଜ ଉପରେ ପରସ୍ପରକୁ ଲଗାଇ ମଡ଼ାଅ । ଏହା ହେଉଛି ଘନବାଦ କଳାର ପଦ୍ଧତି । ଏହିପରି ଭାବେ ତୁମେ ଏହି ସବୁ ଆକୃତିକୁ ନେଇ ଏକ ଘନବାଦ ଛବି ସୃଷ୍ଟି କରିଛ । ତୁମେ ମଧ୍ୟ ମିଳୁଥିବା ବିଭିନ୍ନ କଳା ପୁସ୍ତକରୁ ପିକାସୋଙ୍କର ପ୍ରେରଣା ନେଇପାରିବ ।

(ପାଠ-୭ ଦେଖ)

(ଖ) ଗୋଟିଏ ଟେବୁଲ, ପେନସିଲ୍ ,ଫୁଲକୁଣ୍ଡ, ପେନସିଲ୍ ବାକ୍ସ ଓ ବହିର ଚିତ୍ର ଅଙ୍କନ କର । ଏସବୁ ତୁମ ଘରେ ମିଳିବ । ଏକ ୧/୨ ଇମ୍ପେରିଆଲ ସାଇଜ୍ କାଟ୍ରିଜ୍ କାଗଜ ନେଇ ସେଥିରେ ଏସବୁ ଚିତ୍ରକୁ ସଜାଇ ଏକ ସଂଯୋଜନା ପ୍ରସ୍ତୁତ କର ଯେପରିକି ପରସ୍ପର ମଧ୍ୟରେ ସମ୍ବନ୍ଧ ରହିବ, ଏହି ସଂଯୋଜନାରେ ଯେପରି ବିଭିନ୍ନ ଉପାଦାନ ଗୁଡ଼ିକର ଭାରସାମ୍ୟ, ଐକ୍ୟତାନ ଏବଂ ଲୟକୁ ଧ୍ୟାନ ଦେବା ଉଚିତ୍ । (ପାଠ-୪ ଦେଖ)

# ତଥ୍ୟ ନିବେଶ ପ୍ରକ୍ରିୟା(୨୨୯)

## DATA ENTRY OPERATOR (229)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୧-୨୨)

### TUTOR MARKED ASSIGNMENT (TMA), 2021-22

**ସର୍ବାଧିକ ନମ୍ବର – ୨୦**

Max. Marks :20

ଟିପ୍ପଣୀ :i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) କମ୍ପ୍ୟୁଟର ଭାଷା କ'ଣ ଏବଂ ଏହାର ପ୍ରକାର ଭେଦ ସମ୍ପର୍କରେ ଆଲୋଚନା କର । (ପାଠ- ୧ ଦେଖ)

(ଖ) ଗୋଟିଏ କମ୍ପ୍ୟୁଟରରୁ ନଥି କିମ୍ବା ଫୋଲଡର ହଟାଇବାର ସୋପାନ ଲେଖ ।

(ପାଠ- ୨ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଓ୍ୱାର୍ଡ ପ୍ରୋଗ୍ରାମରେ ଥିବା ରୁଲରର ୨ଟି ବ୍ୟବହାର ଲେଖ ।

(ପାଠ- ୩ ଦେଖ)

(ଖ) ନିମ୍ନଲିଖିତ ବିଷୟ ଗୁଡ଼ିକୁ ବର୍ଣ୍ଣନା କର ?

(i) ବର୍ଯ୍ୟ ଉପଯୋଗୀ ବାକ୍ସ

(ii) ପ୍ରୋଗ୍ରାମ ବନ୍ଦ କରିବା । (ପାଠ- ୨ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) (i) କାର୍ଯ୍ୟ ଫର୍ଦ୍ଦ ପରିଚାଳନା – ଟିପ୍ପଣୀ ଲେଖ ।

(ii) କୋଠରୀ ଓ ଧାଡି ନିବେଶ କରିବା – ଟିପ୍ପଣୀ ଲେଖ । (ପାଠ- ୬ ଦେଖ)

(ଖ) ନିମ୍ନଲିଖିତ ଚୟନର ସର୍ଟକଟ ଲେଖ ।

(i) ସଂପୂର୍ଣ୍ଣ ଶବ୍ଦ (ii) ସଂପୂର୍ଣ୍ଣ ପାରାଗ୍ରାଫ

(iii) ସଂଖ୍ୟା କାଟିବା (iv) ଡକ୍ୟୁମେଣ୍ଟକୁ ମୁଦ୍ରିତ କରିବା

(ପାଠ- ୪ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଓ୍ୱାର୍କ ବୁକ୍‌ରେ ପାସଓ୍ୱାର୍ଡ ସେଟ୍ କରିବାର ସୋପାନ ଲେଖ ।

(ପାଠ- ୬ ଦେଖ)

(ଖ) ଚାର୍ଟର ଯେକୌଣସି ୫ଟି ଉପାଦାନ ବିଷୟରେ ବର୍ଣ୍ଣନା କର ।

(ପାଠ- ୮ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଗୋଟିଏ ସ୍ଲାଇଡ୍ ମଧ୍ୟରେ ପିକଚର୍ ବୁଲେଟକୁ କିପରି ଭର୍ତ୍ତି କରିବା ।

(ପାଠ-୯ ଦେଖ)

(ଖ) " ABC ବିଦ୍ୟାଳୟ ଏକ ଅନ୍ତଃବିଦ୍ୟାଳୟ ପ୍ରତିଯୋଗିତା ଆୟୋଜନ କରିବାକୁ ଯାଉଛି । ବିଦ୍ୟାଳୟର ଛାତ୍ର ପରିଷଦ ଏକ ବ୍ରୋଚରର ଡିଜାଇନ୍ କରିଛନ୍ତି । ଉକ୍ତ ବ୍ୟାନରରେ ନିମ୍ନଲିଖିତ ପଦଗୁଡିକୁ ଯୋଡିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ସାହାଯ୍ୟ କର ।

- ଡେସ୍କଟପର ଉକ୍ତ ଡକ୍ୟୁମେଣ୍ଟର ନାମ 'କ୍ରୀଡା ଦିବସ' ଦିଅ ।
- ଡକ୍ୟୁମେଣ୍ଟରେ ପୃଷ୍ଠାର ସୀମା ନିର୍ଦ୍ଧାରଣ କର ।
- ପୃଷ୍ଠାର ପୃଷ୍ଠଭୂମି (Background) ରେ ରଙ୍ଗ ଭର ।
- ପ୍ରାନ୍ତ-୪ କୁ ନିର୍ଦ୍ଧାରଣ କର ।
- ଇଂଣ୍ଟରନେଟରୁ ଏକ ସୁନ୍ଦର ମୁଦ୍ରିତ ଉପଯୋଗୀ ପ୍ରତିମା (image) ଯୋଡ ।

(ପାଠ-୪ ଦେଖ)

୬. ନିମ୍ନରେ ଦିଆ ଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ଏକ Excel sheet ସିଟ୍ ପ୍ରସ୍ତୁତ କର ଏବଂ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଲେଖ ।

ABC ତେଜରାତି ଦୋକାନ (ପାଠ- ୮ ଦେଖ)

| କ୍ରମାଙ୍କ | ଦ୍ରବ୍ୟ | ପରିମାଣ | ଦର | ମୋଟ |
|---|---|---|---|---|
| ୧ | ସାବୁନ୍ | ୨୩ | ୧୦ | |
| ୨ | ଡିଟରଜେଣ୍ଟ | ୨୪ | ୪୫ | |
| ୨ | ଟୁଥ୍ ପେଷ୍ଟ | ୮ | ୧୨ | |
| ୩ | ଡେଟଲ | ୧୨ | ୧୦ | |
| ୪ | ଲହୁଣି | ୧୨ | ୧୪ | |
| ୫ | ରିଫାଇନ୍ | ୧୬ | ୧୦ | |
| ୬ | | | | |
| ୭ | | | | |
| ୮ | | | | |
| ୯ | | | | |

(i) ଉପର ଲିଖିତ ଫର୍ଦ୍ଦଟି ତିଆରି କର ଏବଂ ନଥିରେ ଗଚ୍ଛିତ କର ।

(ii) କୋଠରୀ $E_3$ ରେ ଫର୍ମୁଲା ପ୍ରୟୋଗ କରି ମୋଟ ପରିମାଣ ହେଉଛି ପରିମାଣ * ଦରରେ ହିସାବ କର ।

(iii) $C_3$ ରେ ଫର୍ମୁଲା ଲେଖ । ସର୍ବାଧିକ ପରିମାଣ ମୁଦ୍ରିତ କର ।

(iv) X କକ୍ଷରେ ଦର ଏବଂ Y କକ୍ଷରେ ଦ୍ରବ୍ୟ ରଖି ଏକ ବାର ଚାର୍ଟ ପ୍ରସ୍ତୁତ କର ।

(ଖ) ନିମ୍ନଲିଖିତ ସ୍ଲାଇଡର ପ୍ରୟୋଗ କରି ଅପରେଟିଂ ସିଷ୍ଟମ୍ ସମ୍ବନ୍ଧରେ ଏକ ପାୱାର ପଏଣ୍ଟ ଉପସ୍ଥାପନ ପ୍ରସ୍ତୁତ କର ।

(ପାଠ- ୯ ଦେଖ)

i. ଅପରେଟିଂ ସିଷ୍ଟମ୍ କାହାକୁ କୁହାଯାଏ ? ଏକ ଛବି ଯୋଡ ।

ii. ଅପରେଟିଂ ସିଷ୍ଟମର ପ୍ରକାର ଭେଦ ଲେଖ ।

iii. କମ୍ପ୍ୟୁଟର ଅପରେଟିଂ ସିଷ୍ଟମ କ'ଣ ?

iv. ମୋବାଇଲଅପରେଟିଂ ସିଷ୍ଟମ୍ କ'ଣ ?